ଧରିତ୍ରୀ
DHARITRI
September 6-12, 2020 ₹2/-

# ଛୁଟିଦିନ



୩

ପ୍ରଚ୍ଛଦ ପ୍ରସଙ୍ଗ

## ଝିମିଟି ଖେଳରୁ...

ପତିଆରା ଓ ପରାକ୍ରମ ପ୍ରଦର୍ଶନ ପାଇଁ ହେଉଥିବା ଯୁଦ୍ଧ ବେଳେବେଳେ ସାମାନ୍ୟ କାରଣରୁ ବି ଘଟିପାରେ। ଯେମିତି କି ଦିନେ ସାମାନ୍ୟ ଝିମିଟି ଖେଳରୁ ହୋଇଥିଲା ମହାଭାରତ ଯୁଦ୍ଧ। ସେହିଭଳି ଛୋଟ ଛୋଟ କଥାକୁ ନେଇ ଅନେକ ସମୟରେ ଯୁଦ୍ଧର ବିଗୁଲ ବାଜିଥିବା ଇତିହାସର ପୃଷ୍ଠା ଓଲଟାଇଲେ ଜଣାପଡେ...

....................................

୫

ସିନେମା



# ବିଲେଇ ହେଲା ସିକ୍ୟୁରିଟି ଗାର୍ଡ



ବିଲେଇକୁ ଅନେକ ଘରେ ପୋଷିଥାନ୍ତି । ତା'ର ଯତ୍ନ ନିଅନ୍ତି । ମାଲିକଙ୍କ ସହ ଖେଳି ବିଲେଇ ତାଙ୍କ ଅବସାଦ, ଚିନ୍ତା, ଚାପ ଦୂର କରିଦିଏ । କିନ୍ତୁ ଜାଣିଛନ୍ତି କି ଆଜିକାଲି ବିଲେଇ ମଣିଷଙ୍କ ଭଳି ଚାକିରି କଲେଣି ବୋଲି । ବିଶ୍ୱାସ ନ ହେଲେ ବି ଏହା ସତ । ଅଷ୍ଟ୍ରେଲିଆର ରିଚମଣ୍ଡ ସହରରେ ଥିବା ଏପ୍‌ୱର୍ଥ ହସ୍ପିଟାଲରେ ଏକ ବିଲେଇକୁ ସିକ୍ୟୁରିଟିଗାର୍ଡ ବା ଜଗୁଆଳିର ଚାକିରି ଦିଆଯାଇଛି । ସେହି ବିଲେଇର ନାମ ହେଉଛି ଏଲଉଡ୍ । ହସ୍ପିଟାଲ କର୍ତ୍ତୃପକ୍ଷ ଏଲଉଡ୍‌କୁ ଏକ ଆଇଡି କାର୍ଡ ବା ପରିଚୟ ପତ୍ର ବି ପିନ୍ଧାଇଛନ୍ତି । ସେଥିରେ ତା'ର ଫଟୋ ରହିଛି । କେବଳ ସେତିକି ନୁହେଁ, ସେଥିରେ ତା'ର ନାମ ଓ କାମ ବି ଲେଖାଯାଇଛି । ହସ୍ପିଟାଲରେ ପାଥୋଲୋଜିଷ୍ଟଭାବେ କାମ କରୁଥିବା ଚାଣ୍ଡେଲ ଟ୍ରୋଲିପ୍ କହନ୍ତି, 'ଏଲଉଡ୍ ଦୀର୍ଘ ୧ ବର୍ଷ ହେବ ହସ୍ପିଟାଲ ଗେଟ୍ ପାଖରେ ବୁଲୁଥିଲା । ଏହା ଦେଖି ହସ୍ପିଟାଲ କର୍ତ୍ତୃପକ୍ଷ ତାକୁ ଜଗୁଆଳିର ଚାକିରି ଦେଲେ । ସେ ଗେଟ୍ ପାଖରେ ବସି ଜଗେ । ଆଉ ପ୍ରତି ବଦଳରେ ତାକୁ ଭଲ ଖାଇବା ଦିଆଯିବା ସହ ତା'ର ଭଲ ଯତ୍ନ ନିଆଯାଏ ।'

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ
ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୬-୧୨

**ମେଷ**
ସୁସ୍ଥ ମାନସିକତା, ସାମାଜିକ ପ୍ରତିଷ୍ଠା, ପୁଅଝିଅଙ୍କ ସମସ୍ୟା, ସହକର୍ମୀଙ୍କ ଝଗଡ଼ା, ବାଣିଜ୍ୟରେ ପ୍ରତିବନ୍ଧକ, ଚଳଚ୍ଚିତ୍ରାଦିରେ ଆଶ୍ୱସ୍ତି, ଯଶ ସମ୍ମାନ ଲାଭ, ମାତୃବର୍ଗରେ ପୀଡ଼ା, ଯାନବାହନରେ ତ୍ରୁଟି ।

**ବୃଷ**
କର୍ମ ପ୍ରେରଣାପ୍ରାପ୍ତି, ସାଂସ୍କୃତିକ କାର୍ଯ୍ୟାରମ୍ଭ, ବନ୍ଧୁଙ୍କ ସଦିଚ୍ଛା, ସନ୍ତାନଙ୍କ କୃତିତ୍ୱ, ରଚନାତ୍ମକ କାର୍ଯ୍ୟାରମ୍ଭ, ବନ୍ଧୁ ସମ୍ପର୍କ ସ୍ଥାପନ, ବହୁମୁଖୀ କାର୍ଯ୍ୟ, ପାରିବାରିକ ଶାନ୍ତି, ରାଜନୀତିରେ ପ୍ରତିଷ୍ଠା, ମାନସିକ ଦ୍ୱନ୍ଦ୍ୱର ଅବସାନ ।

**ମିଥୁନ**
ଆର୍ଥିକ ଅଭିବୃଦ୍ଧି, କର୍ମ ପରିସର ବୃଦ୍ଧି, ଉଚ୍ଚ ସମ୍ମାନ, ଆନୁଷ୍ଠାନିକ କାମ, ଦୂରଦର୍ଶିତାର ଅଭାବ, ଭୁଲ୍ ନିଷ୍ପତ୍ତି, ସାମୟିକ ସମସ୍ୟା, ଜମିଜମା କାରବାର, ପ୍ରତିଯୋଗିତାରେ ସଫଳତା, କ୍ରନିକ୍ ରୋଗରେ ପୀଡ଼ା ।

**କର୍କଟ**
କର୍ମ ଜଞ୍ଜାଳ ବୃଦ୍ଧି, ଧର୍ମ ସଂକଟ, ନିଷ୍ପତ୍ତିର ପରିବର୍ତ୍ତନ, ସାମାଜିକ ଅବରୋଧ, ଆର୍ଥିକ ଅନଟନ, ପ୍ରଗାଢ଼ ପରିଶ୍ରମ, ମାନସିକ ଅସ୍ଥିରତା, ନିର୍ମାଣରେ ଦ୍ୱନ୍ଦ୍ୱ, ସଭା ସମିତିକୁ ନିମନ୍ତ୍ରଣ, ଆତ୍ମୀୟଙ୍କ ସମାଲୋଚନା, ବିବାଦରେ ବିଜୟ ।

**ସିଂହ**
କାର୍ଯ୍ୟ ସିଦ୍ଧି, ପାରିବାରିକ ଶାନ୍ତି, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ଯାନବାହନ କ୍ରୟ, ନୂତନ କର୍ମ ସଂସ୍ଥାନ, ବିଦେଶ ଯାତ୍ରାର ସୁଯୋଗ, ନୂତନ ପ୍ରକଳ୍ପାରମ୍ଭ, ଆଇନ ସହାୟତା ପ୍ରାପ୍ତି, ପରୀକ୍ଷାରେ ସଫଳତା,ଭ୍ରମଣର ସୁଯୋଗ ।

**କନ୍ୟା**
ସଂଘର୍ଷମୟ ସ୍ଥିତି, ପଡ଼ୋଶୀଙ୍କ ପ୍ରତିବାଦ, ଖର୍ଚ୍ଚ ପରିମାଣ ବୃଦ୍ଧି, ଗୌରବପ୍ରାପ୍ତି, ସମ୍ପର୍କ ଯୋଡ଼ିବେ, ଭୁଲ୍ ଖବରରୁ ବ୍ୟସ୍ତତା, ସାଂସ୍କୃତିକ କାର୍ଯ୍ୟକ୍ରମ, ଅଧ୍ୟୟନ ରୁଚି, ବକ୍ତୃତାରୁ ପ୍ରଶଂସା ।

**ତୁଳା**
ଆରୋଗ୍ୟ ଲାଭ, ପ୍ରିୟଜନଙ୍କ ସଦିଚ୍ଛା, ପ୍ରତୀକ୍ଷାଜନିତ କଷ୍ଟ, ମାନସିକ ଅସ୍ଥିରତା, ବନ୍ଧୁଙ୍କ ଅଭିଯୋଗ, ମାନସିକ ଚାପ, ପାରିବାରିକ ଅସହଯୋଗ, ପବ୍ଲିକେଶନରେ ସମସ୍ୟା, ଗବେଷଣାରେ ଅଗ୍ରଗତି, ଜନସମ୍ପର୍କ ସୃଷ୍ଟି ।

**ବିଛା**
ଯାତ୍ରା ସଫଳ, ମିତ୍ରଲାଭ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ଅନ୍ୟ ମନସ୍କତା, ଧନହାନି, ବିବାଦୀୟ ଚିନ୍ତା, ଦୈନ୍ୟତା, ବନ୍ଧୁ ବିତର୍କ, ମହାଜନୀ ଚାପ, ବାଣିଜ୍ୟରେ ପ୍ରତିବନ୍ଧକ, ପ୍ରାପ୍ତଧନରେ ବାଧା, କଳା-କ୍ରୀଡ଼ାରେ ପ୍ରଶଂସା ।

**ଧନୁ**
ଅବହେଳାରୁ ଭର୍ତ୍ସନା, ଅପ୍ରିୟ ସତ୍ୟରୁ କଳହ, ପରିବାରର ଅସହଯୋଗ, ପଦନ୍ନୋତିର ସୂଚନା, ଶତ୍ରୁକୃତ ସମସ୍ୟା, ରକ୍ତଚାପ ବୃଦ୍ଧି, ମଧ୍ୟସ୍ଥତାରୁ ଅସମ୍ମାନ, କରଜର ପରିଶୋଧ, ଜନ ମଙ୍ଗଳ କାର୍ଯ୍ୟ, ନୂତନ ସମ୍ପର୍କ, ବନ୍ଧୁମିଳନ ।

**ମକର**
ମାନସିକ ଅବସାଦ, ନିରୁତ୍ସାହତା, ଧାର୍ମିକ ଭାବନା, ନୂତନ କର୍ମାରମ୍ଭ, କଚେରି ମାମଲା, ସ୍ୱର୍ଣ୍ଣାଳଙ୍କାର ପ୍ରାପ୍ତି, ସୁଯୋଗ ହରାଇବେ, ବ୍ୟକ୍ତି କୈନ୍ଦ୍ରିକ ଚିନ୍ତା, ବୃଥା ଭ୍ରମଣ, ସାଂଗଠନିକ କାର୍ଯ୍ୟ, ପାରିବାରିକ ମତଭେଦ ।

**କୁମ୍ଭ**
ପ୍ରଗତିର ପଥରୋଧ, ବୃଥା ସନ୍ଦେହ, ଭୁଲ୍ ବୁଝାମଣା, ଜମିଜମା ସମସ୍ୟା, ପାରିବାରିକ ସୌଖ୍ୟ, ଶୁଭ ଖବର, ଶୁଭ କାର୍ଯ୍ୟକରଣ, ସ୍ୱଜନଙ୍କ କଟୁକ୍ତି, ଅଜୀର୍ଣ୍ଣପୀଡ଼ା, ସାଂସ୍କୃତିକ କାର୍ଯ୍ୟ ।

**ମୀନ**
ସ୍ୱାସ୍ଥ୍ୟ ସମସ୍ୟା, ବିରୋଧୀଙ୍କ ବିତର୍କ, ଦୁଃସ୍ଥ ପରିସ୍ଥିତି, ଅର୍ଥନୈତିକ ସମସ୍ୟା, ରାଜନୈତିକ ସଂକଟ, ଅଧସ୍ତନଙ୍କ ଅସହଯୋଗ, ନୂତନ ବ୍ୟବସାୟ, ଭୋଗ ବିଳାସରେ ଅରୁଚି, ଋଣ ପରିଶୋଧ ଚିନ୍ତା, ଭ୍ରାତୃ ସହଯୋଗ ।

# ଟ୍ରାନ୍ସପରେଣ୍ଟ ଟଏଲେଟ୍

ବାହାରକୁ ଯାଇଥିବା ସମୟରେ ପବ୍ଲିକ ଟଏଲେଟ୍ ବ୍ୟବହାର କରିବାକୁ ହୁଏ । ତେବେ ଅନେକ ସମୟରେ ଦେଖିବାକୁ ମିଳେ ତାହା ଏତେ ଅପରିଷ୍କାର ହୋଇଥାଏ ଯେ, ଭିତରକୁ ପଶିଥିବା ବ୍ୟକ୍ତି ବାନ୍ତି ଉଠେଇ ବାହାରକୁ ପଳେଇ ଆସନ୍ତି । ତେବେ ଜାପାନର ରାଜଧାନୀ ଟୋକିଓର କିଛି ପାର୍କରେ ଏମିତି କିଛି ଟଏଲେଟ୍ ସ୍ଥାପନ କରାଯାଇଛି,



ଯାହାକୁ ବାହାରୁ ଦେଖି ଜାଣିପାରିବେ ତାହା ସଫା ଅଛି ନା ନାହିଁ । କାରଣ ଏସବୁ ଶୌଚାଳୟ ସମ୍ପୂର୍ଣ୍ଣ ଟ୍ରାନ୍ସପରେଣ୍ଟ । ଭିତରର ସବୁକିଛି ବାହାରକୁ ଦେଖାଯାଏ । ଏହାକୁ ଶିଗେରୁ ବେନ୍ ନାମକ ଆର୍କିଟେକ୍ଟ ତିଆରି କରିଛନ୍ତି । ସେ ଟଏଲେଟ୍‌ର କାନ୍ଥଗୁଡିକ ଏଭଳି କାଚରେ ତିଆରି କରିଛନ୍ତି, ଯାହା ମଧ୍ୟ ଦେଇ ଲୋକେ ବାହାରପଟୁ ଭିତରକୁ ଦେଖିପାରିବେ । ହେଲେ ଟଏଲେଟ୍ ବ୍ୟବହାର କରୁଥିବା ସମୟରେ କିନ୍ତୁ ତାହା ଟ୍ରାନ୍ସପରେଣ୍ଟ ହୋଇ ରହେ ନାହିଁ । ଆଉ ଭିତରେ ଥିବା ଲୋକ ବାହାରକୁ ଦେଖାଯାଆନ୍ତି ନାହିଁ । ତେଣୁ ଏହାକୁ ବ୍ୟବହାର କରିବାରେ କେହି ସଙ୍କୋଚ ମନେକରିବେ ନାହିଁ ।

# ପାଠକୀୟ

- ପ୍ରଚ୍ଛଦ ପ୍ରସଙ୍ଗ 'ମାମୁଘର କେତେଦୂର' ପଢି ମୋ ଆଖିରୁ ଲୁହ ଆପେ ଗଡିଗଲା । ମନେ ପଡିଗଲା ମୋ ପିଲାଦିନ ଓ ମାମୁଘରର ସ୍ମୃତିସବୁ । ଅତି ଚମତ୍କାର ଥିଲା ଏଥରର ଏହି ପ୍ରଚ୍ଛଦ ପ୍ରସଙ୍ଗ । ସୁନା କଇଁଚିରେ କେଶକଟା ପାଠକୁ ପଢିଲି । ବହୁତ ଭଲ ଲାଗିଲା ।

*-ସୋମେଶ ମହାନ୍ତି, କଟକ*

-ପ୍ରଚ୍ଛଦ ପ୍ରସଙ୍ଗ ପଢି ମୋ ଆଖି ଆଗରେ ମାମୁଘରର ଛବି ଓ ସେଠି ବିତାଇଥିବା ସମୟଗୁଡିକ ମନେପଡିଗଲା । କେତେ ମଧୁର ଥିଲା ସେ ମୁହୂର୍ତ୍ତ ସବୁ । ଦିନ ତମାମ ମଜାରେ କଟୁଥିଲା । ନା ଥିଲା କିଛି କଟକଣା ନା ମାଡଗାଳି । ହାଃ ହାଃ ମୋର ବହୁତ ପ୍ରିୟ । ସବୁ ସପ୍ତାହ ମୁଁ ଯେମିତି ହେଲେ ପଢେ ।

- ସୁନନ୍ଦା ପାଢୀ, ରେମୁଣା, ବାଲେଶ୍ୱର

-ସୃଜନ, ସିନେମା ପୃଷ୍ଠା ମନକୁ ଛୁଇଁଗଲା । ପ୍ରଚ୍ଛଦ ପ୍ରସଙ୍ଗ ହୃଦୟସ୍ପର୍ଶୀ ହୋଇଥିଲା । ମଡେଲ ମିରର୍‌ରେ ମୋର ବି ଫଟୋ ବାହାରୁ ବୋଲି ମୁଁ ଚାହେଁ । କ'ଣ କରିବି ଜଣେଇବେ । ହାଃ ହାଃ ବି ଭଲ ଲାଗେ ।

-ପ୍ରିୟଙ୍କା ମହାକୁଡ, ନୂଆସାହି, କନ୍ଧମାଳ

- ପ୍ରଚ୍ଛଦ ପ୍ରସଙ୍ଗ, ସିନେମା, ଛୋଟପାଠ ଆଦି ବହୁତ ଭଲ ଲାଗିଲା । ମନଛୁଆଁ ବିଷୟଗୁଡିକ ଉପସ୍ଥାପନ କରୁଥିବାରୁ ଧନ୍ୟବାଦ । ସିନେମା ପୃଷ୍ଠାରେ 'ଏବେ ବି ମନେ ପଡେ', ସାହସୀ ଦିଶା ପାଠଗୁଡିକ ବହୁତ ଭଲ ଲାଗିଲା । କାର୍ଟୁନ କର୍ନରର ମଜାଦାର ଥିଲା ।

-ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଛତ୍ରପୁର, ଗଞ୍ଜାମ

- 'ମାମୁଘର କେତେଦୂର' ବିଷୟଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା । କଖାରୁରେ ତିଆରି ଚଢେଇ ଦେଖି ବହୁତ ଆଶ୍ଚର୍ଯ୍ୟ ଲାଗିଲା । ସୃଜନର ଗପକବିତା ପଢି ମୋର ଛୁଟିଦିନଟି ଭଲରେ ବିତିଯାଏ ।

-ଆନି, ସୋନୀ, ଚୁନି, ଡୁମ୍‌ଡୁମା, ଭୁବନେଶ୍ୱର

- କେଉଁ ଦିଗରେ କେଉଁ ରଙ୍ଗିନ କ୍ୟାଣ୍ଡେଲ ଜଳାଇଲେ ଭଲ ଜାଣି ଖୁସି ଲାଗିଲା । ଏହାକୁ ନିଶ୍ଚୟ ପାଳନ କରିବି । ପ୍ରଚ୍ଛଦ ପ୍ରସଙ୍ଗ ପଢି ବହୁତ ଭଲ ଲାଗିଲା । ହେଲେ ମୋର କେହି ମାମୁ ନାହାନ୍ତି ତେଣୁ ଦୁଃଖ ଲାଗିଲା । ହାଃ ହାଃ ପଢି ମନ ପୁଣି ଖୁସି ହେଇଗଲା ।

-କୁନ୍‌ମୁନ୍ ସାବତ, ସମ୍ବଲପୁର

- ପ୍ରଚ୍ଛଦ ପ୍ରସଙ୍ଗ ପଢି ଭଲ ଲାଗିଲା । ମଡେଲ ମିରର୍‌ରେ ମୁଁ କେତେଥର ଫଟୋ ପଠାଇଲିଣି ହେଲେ ତାକୁ ଚୟନ କରାଯାଉନାହିଁ । ତେଣୁ ମନ ଦୁଃଖ ହେଉଛି । କଖାରୁର ସ୍ଥାପତ୍ୟ ସତରେ ଭାରି ବିସ୍ମୟକର ଥିଲା । ଛୁଟିଦିନରେ ସାଥୀକୁ ବହୁତ ମନେପଡୁଛି । ମନରେ ଅନେକ ଅକୁହା କଥା ରହିଛି । ତେଣୁ ସାଥୀଙ୍କୁ ଜଣେଇବାକୁ ଚାହୁଁଛି ।

-ଗୋବିନ୍ଦ ବେହେରା, ସାଲେପୁର

## ବିଶେଷ ଚିଠି



କେଜାଣି କାହିଁକି ଭାରି ଆପଣାର
ଲାଗେ ଛୁଟିଦିନ ।
ତାକୁ ନ ଦେଖିଲେ,
ତାକୁ ନ ଧରିଲେ କଟେନା
ଯେମିତି ମୋର ଦିନ ।
ଏମିତି ଆସୁଥା'
ମନ ମୋହୁ ଥା'
ତୋର ବିବିଧ ପ୍ରସଙ୍ଗର
ଜାଦୁକରୀରେ ।
-କରିଷ୍ମା ଚୌଧୁରୀ, ରାଉରକେଲା

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଝିଟିଟି ଖେଳରୁ...

**ଯୁଦ୍ଧ! ଗର୍ବ, ଗୌରବ ଓ ପରାକ୍ରମ ପ୍ରଦର୍ଶନର ଏକ ମାଧ୍ୟମ। ଏଥିରେ ବିଜୟ ଯାହାର ହେଉ ନା କାହିଁକି ଅଯଥାରେ ବହେ ଲହୁ। କାହାର ଶୂନ୍ୟ ହୋଇଯାଏ କୋଳ ତ କାହାର ଲିଭିଯାଏ ମଥାର ସିନ୍ଦୂର । ଆଉ କିଏ ହୋଇଯାଏ ଅନାଥ। ତେବେ ପତିଆରା ଓ ପରାକ୍ରମ ପ୍ରଦର୍ଶନ ପାଇଁ ହେଉଥିବା ଏହି ଯୁଦ୍ଧ ବେଳେବେଳେ ସାମାନ୍ୟ କାରଣରୁ ବି ଘଟିପାରେ। ଯେମିତି କି ଦିନେ ସାମାନ୍ୟ ଝିମିଟି ଖେଳରୁ ହୋଇଥିଲା ମହାଭାରତ ଯୁଦ୍ଧ। ସେହିଭଳି ଛୋଟ ଛୋଟ କଥାକୁ ନେଇ ଅନେକ ସମୟରେ ଯୁଦ୍ଧର ବିଗୁଲ ବାଜିଥିବା ଇତିହାସର ପୃଷ୍ଠା ଓଲଟାଇଲେ ଜଣାପଡେ...**

**ତରଭୁଜ ପାଇଁ ରକ୍ତପାତ–** ଭାରତ ଭୂମିରେ ହୋଇଛି ଅନେକ ଯୁଦ୍ଧ। ନିଜ ସାମ୍ରାଜ୍ୟର ପରିସୀମା ବୃଦ୍ଧି କରିବା ଥିଲା ଅଧିକାଂଶ ଯୁଦ୍ଧର ଲକ୍ଷ୍ୟ। ତେବେ ଇତିହାସ ପୃଷ୍ଠାକୁ ଲେଉଟାଇଲେ ଏମିତି କିଛି ଯୁଦ୍ଧ ବିଷୟରେ ଜାଣିବାକୁ ମିଳେ, ଯାହା ଘଟିଥିଲା ସାମାନ୍ୟ କାରଣକୁ ନେଇ । ସେ ସମ୍ପର୍କରେ ଏବେ ଜାଣିବା ପରେ ଆଶ୍ଚର୍ଯ୍ୟ ଲାଗିବା ସହ ବିଶ୍ୱାସ ହୁଏନା ଏତେ ଛୋଟ କାରଣରୁ କେବେ ଯୁଦ୍ଧ ସ୍ଥିତି ସୃଷ୍ଟି ହୋଇପାରେ ବୋଲି। ସେମିତି ଏକ ଘଟଣା ଘଟିଥିଲା ପ୍ରାୟ ୩୭୬ ବର୍ଷ ପୂର୍ବେ। ଯୁଦ୍ଧଟି ସୂତ୍ରପାତ ହୋଇଥିଲା ଏକ ତରଭୁଜ ପାଇଁ। ଆଉ ଏଥିରେ ଯାଇଥିଲା ହଜାର ହଜାର ଜୀବନ। ସାମାନ୍ୟ ଏକ ଫଳ ପାଇଁ ହୋଇଥିବା ଏହି ଯୁଦ୍ଧ 'ମତିରେ କି ରାଡ' ନାମରେ ବି ପରିଚିତ। ମତିରା( ତରଭୁଜ) ଓ ରାଡ(ଝଗଡା)। ଉକ୍ତ ଯୁଦ୍ଧ ୧୬୪୪ ରେ ଲଢାଯାଇଥିଲା । ଯୁଦ୍ଧ ପଛର କାହାଣୀ ହେଉଛି ଏମିତି– ସେତେବେଳେ ବିକାନେର୍ ସାମ୍ରାଜ୍ୟର ସିଲୱା ନାମକ ଗାଁ ଏବଂ ନାଗୌର ରାଜ୍ୟର ଜାଖଣିୟାଁ ଗାଁ ପାଖାପାଖି ଥିଲେ। ଆଉ ଉଭୟ ଗ୍ରାମ ଦୁଇ ସାମ୍ରାଜ୍ୟର ଶେଷ ସୀମାରେ ରହିଥିଲା । ବିକାନେର ସାମ୍ରାଜ୍ୟର ଗ୍ରାମରେ ଏକ ତରଭୁଜ ଗଛ ହୋଇଥିଲା । କିନ୍ତୁ ଏହାର ଡାଳ ମାଡି ଯାଇଥିଲା ନାଗୌର ସାମ୍ରାଜ୍ୟକୁ ଏବଂ ସେଠାରେ ଏକ ତରଭୁଜ ଫଳିଥିଲା । ବିକାନେର ସାମ୍ରାଜ୍ୟର ଲୋକେ କହିଲେ ଯେହେତୁ ଗଛଟି ଆମ ସାମ୍ରାଜ୍ୟ ଭିତରେ ହୋଇଛି ତେଣୁ ଫଳ ଉପରେ ଆମର ଅଧିକାର ଅଛି। ଅନ୍ୟପକ୍ଷେ ନାଗୌର ସାମ୍ରାଜ୍ୟର ଅଧିବାସୀ କହିଲେ ଯେହେତୁ ଫଳଟି ଆମ ସୀମାରେ ଫଳିଛି ତେଣୁ ତରଭୁଜ ଉପରେ ଆମର ଅଧିକାର ଅଛି। ଏଇ କଥାକୁ ନେଇ ଦୁଇ ସାମ୍ରାଜ୍ୟର ଏହି ଦୁଇ ଗ୍ରାମ ଭିତରେ ଝଗଡା ସୃଷ୍ଟି ହେଲା । ଆଉ ଏହା ଥମିବାର ନାଁ ନେଲା ନାହିଁ। ଧୀରେ ଧୀରେ ତାହା ଯୁଦ୍ଧର ରୂପ ନେଲା । ଏହି ଅଜବ ଲଢେଇରେ ବିକାନେର ସେନାର ନେତୃତ୍ୱ ରାମଚନ୍ଦ୍ର ମୁଖିଆ ନେଇଥିବାବେଳେ ନାଗୌର ସେନାର ନେତୃତ୍ୱ ସିଙ୍ଘବି ସୁଖମଲ୍ ନେଇଥିଲେ । ତେବେ ସୁବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ, କଥା ଏତେ ଆଗକୁ ବଢିଥିଲେ ହେଁ, ସେ ପର୍ଯ୍ୟନ୍ତ ଉଭୟ ସାମ୍ରାଜ୍ୟର ରାଜା ଏକଥା ଜାଣି ନ ଥିଲେ। କାରଣ ସେତେବେଳେ ବିକାନେର ରାଜା କରଣ ସିଂ କୌଣସି ଏକ ଅଭିଯାନରେ ଯାଇଥିଲେ। ଆଉ ନାଗୌରର ଶାସକ ରାଓ ଅମର ସିଂ ମୋଗଲ ସାମ୍ରାଜ୍ୟର ସେବାରେ ଥିଲେ। ଉଭୟ ସାମ୍ରାଜ୍ୟ ମୋଗଲଙ୍କ ଅଧୀନରେ ଥିଲା। ଯେତେବେଳେ ଉଭୟ ରାଜ୍ୟର ରାଜା ଏ ସମ୍ପର୍କରେ ଅବଗତ ହେଲେ ସେମାନେ ଏଥିରେ ମୋଗଲ ଦରବାରର ହସ୍ତକ୍ଷେପ ଚାହିଁଥିଲେ। କିନ୍ତୁ ସେତେବେଳକୁ ବହୁତ ବିଳମ୍ବ ହୋଇଯାଇଥିଲା । କଥା ମୋଗଲ ଦରବାରରେ ପଡିବା ପୂର୍ବରୁ ଯୁଦ୍ଧ ଆରମ୍ଭ ହୋଇଗଲା । ଶେଷରେ ନାଗୌର ସାମ୍ରାଜ୍ୟର ହାର ହୋଇଥିଲା । ଉକ୍ତ ଯୁଦ୍ଧରେ ଉଭୟ ପକ୍ଷର ହଜାର ହଜାର ସୈନିକ ମୃତ୍ୟୁବରଣ କଲେ ।

**ଘୁଷୁରି ପାଇଁ ଯୁଦ୍ଧସ୍ଥିତି–** ଯୁଦ୍ଧ କଥା ଉଠିଲେ ମନରେ ସବୁବେଳେ ଆସେ ଏହା ନିଶ୍ଚୟ କିଛି ବଡ଼ କାରଣରୁ ହିଁ ସୂତ୍ରପାତ ହୋଇଥିବ। କିନ୍ତୁ ୧୮୫୯ରେ ଆମେରିକା ଓ ଗ୍ରେଟବ୍ରିଟେନ୍ ମଧ୍ୟରେ ଯେଉଁ ଯୁଦ୍ଧର ସ୍ଥିତି ଉପୁଜିଥିଲା ତାହା ଏକ ଘୁଷୁରିକୁ କେନ୍ଦ୍ର କରି ଘଟିଥିଲା । ଏକ ଘୁଷୁରିକୁ ହତ୍ୟା କରିବା ପରେ ଦୁଇ ଦେଶ ମଧ୍ୟରେ ତିକ୍ତତା ବଢି ଯୁଦ୍ଧର ସ୍ଥିତି ସୃଷ୍ଟି କରିଥିଲା । ଏହି ଯୁଦ୍ଧ 'ପିଗ୍ ୱାର୍' ନାମରେ ବି ପରିଚିତ । ସୈନଜୁଆନା ଦ୍ୱୀପରେ ଘଟିଥିବା ଏକ ଘଟଣାକୁ ନେଇ ପ୍ରଥମେ ବିବାଦ ଆରମ୍ଭ ହୋଇଥିଲା । ଏହି ସ୍ଥାନ ଆମେରିକା ଓ ୱେନ୍କୁମ୍ବର ଆଇଲାଣ୍ଡ( ବର୍ତ୍ତମାନର କାନାଡା )ର ମଧ୍ୟଭାଗରେ ଅବସ୍ଥିତ । ସେତେବେଳେ ଏଠାରେ ଆମେରିକାର ମୂଳ ନିବାସୀ ଓ ବ୍ରିଟେନ୍‌ର ଏକ କମ୍ପାନୀ ହଡସନ୍ ବେ'ର କର୍ମଚାରୀ ରହୁଥିଲେ । ଉଭୟେ ସୈନଜୁଆନା ଆଇଲାଣ୍ଡ ଉପରେ ନିଜର ଅଧିକାର ରହିଥିବା ଦାବି କରୁଥିଲେ। ବ୍ରିଟେନ ସେତେବେଳେ ଏକ ବଡ଼ ଔପନିବେଶିକ ଶକ୍ତି ଥିଲା । ଏପଟେ ଆଜାଦ ଆମେରିକା ମଧ୍ୟ ନିଜର ଶକ୍ତି ଓ ସାମର୍ଥ୍ୟ ବଢାଇବା ପାଇଁ ଚେଷ୍ଟା ଚଳାଉଥିଲା । ତେବେ ଯୁଦ୍ଧର ବିଜ ସେତେବେଳେ ରୋପଣ ହେଲା ଯେବେ ଆମେରିକାର ଲିମୈନ କଟଲର୍ ନାମକ କୃଷକ ଏକ ଘୁଷୁରିକୁ ଗୁଳି କରି ମାରିଦେଲେ । ଲିମୈନଙ୍କ କ୍ଷେତକୁ ଏକ ଘୁଷୁରି ସବୁବେଳେ ଆସି ତାଙ୍କ ଆଳୁ ଚାଷ ନଷ୍ଟ କରିଦେଉଥିଲା । ତେଣୁ ସେ ଦିନେ ରାଗିଯାଇ ତାକୁ ଗୁଳି କରି ହତ୍ୟା କଲେ । ସେତେବେଳେ ଘୁଷୁରିକୁ ମାରିବା ଏକ ସାଧାରଣ ଘଟଣା ଥିଲା । କିନ୍ତୁ ଏହି ସାଧାରଣ ଘଟଣା ଯେ, ଯୁଦ୍ଧ ସ୍ଥିତି ଉପୁଜେଇବ ସେ କେବେ ଭାବି ନ ଥିଲେ । ମୃତ ଘୁଷୁରିର ମାଲିକ ଥିଲେ ବ୍ରିଟେନର ଜଣେ ଧନିକ ବ୍ୟକ୍ତି । ଏହି ଘଟଣାକୁ ନେଇ ବିବାଦ ବଢିବାକୁ ଲାଗିଲା । ଆଉ ତାହା ଧୀରେ ଧୀରେ ସୈନଜୁଆନା ଆଇଲାଣ୍ଡ ଉପରେ ନିଜ ନିଜର ଅସଲ ଅଧିକାର ସାବ୍ୟସ୍ତ କରିବାର ଲଢେଇ ପାଲଟିଗଲା । ଏହି ବିବାଦ ସମ୍ପର୍କରେ ଆମେରିକା ଜାଣିବା ପରେ ସେନାର ବରିଷ୍ଠ ଅଧିକାରୀ କ୍ୟାପ୍ଟେନ୍ ଜର୍ଜ ପିକେଟ୍‌ଙ୍କ ନେତୃତ୍ୱରେ ଏକ ବଡ଼ ସେନା ସୈନଜୁଆନା ପଠାଗଲା । ପିକେଟ୍ ସେଠାରେ ପହଞ୍ଚି ବ୍ରିଟିଶ୍ ଅଧିବାସୀଙ୍କୁ କହିଲେ ଯେ, ଏ ପୂରା ଜମି ଆମେରିକାର । ଏହା ଶୁଣି ବ୍ରିଟିଶବାସୀ ରାଗି ଯାଇଥିଲେ । ସେମାନେ ଏହି ଖବର ନିଜ ଦେଶରେ ଜଣାଇବା ପରେ ବ୍ରିଟେନ ଏହାକୁ ମାନହାନି ହେଲା ମନେକରି ଯୁଦ୍ଧ ପାଇଁ ସେନା ପଠାଇଲା । ସେତେବେଳେ ବ୍ରିଟିଶ ନେଭି ବେଶ୍ ଶକ୍ତିଶାଳୀ ଥିଲା । ଆଉ ସାରା ପୃଥିବୀ ଏ ସମ୍ପର୍କରେ ଅବଗତ ଥିଲା । ପଠାଯାଇଥିବା ସେନା ଏହି ବ୍ରିଟିଶ ନେଭିର ଅଂଶ ଥିଲା । ତେବେ ଦୁଇ ଦେଶର ସର୍ବୋଚ୍ଚ ଅଧିକାରୀଙ୍କୁ ପରେ ଲାଗିଲା ଯୁଦ୍ଧର ସ୍ଥିତି ଉପୁଜି ସାରିଲାଣି । ଆଉ ଏହା ଉଭୟ ପକ୍ଷ ପାଇଁ ଶୁଭଙ୍କର ନୁହେଁ । ତେଣୁ ପ୍ରଥମେ ବ୍ରିଟେନ୍ ଆମେରିକା ସହ କଥାବାର୍ତ୍ତା ଆରମ୍ଭ କଲା । ଶେଷରେ ନିଷ୍ପତ୍ତି ନିଆଗଲା ଯେ, ସୈନଜୁଆନା ଦ୍ୱୀପ ଉପରେ ଉଭୟ ଦେଶର ସେନାଙ୍କ ଅଧିକାର ରହିବ । ଏ ସମ୍ପର୍କିତ ଅନେକ ସର୍ତ୍ତ ବି ଜାରି କରାଗଲା ; ଯେମିତି କି ପରେ ପୁନଃ ବିବାଦ ସୃଷ୍ଟି ନ ହୁଏ । ଏମିତିଭାବରେ ଏକ ଘୁଷୁରିକୁ କେନ୍ଦ୍ର କରି ଯୁଦ୍ଧ ହେଉ ହେଉ ଅଟକିଯାଇଥିଲା । ପରେ ଉଭୟ ଦେଶ ନିଜର ସେନାକୁ ସୈନଜୁଆନା ଦ୍ୱୀପରୁ ହଟାଇଥିଲେ । ଯଦିଓ ପରିଶେଷରେ ଦ୍ୱୀପଟି ଆମେରିକାର ଅଂଶ ହୋଇଥିଲା ।

**କୁକୁର ପାଇଁ ଭୀଷଣ ଯୁଦ୍ଧ–** ଏହି ଯୁଦ୍ଧ ୟୁରୋପର ସେଇ ଦୁଇ ଦେଶ ମଧ୍ୟରେ ହୋଇଥିଲା, ଯାହା ବହୁତ ଛୋଟ କିନ୍ତୁ ତା'ର ଇତିହାସ ବହୁ ପୁରାତନ ଏବଂ ରୋଚକ । ଘଟଣାଟି ହେଉଛି ୧୯୨୫ରେ । ସେତେବେଳେ ଗ୍ରୀସ(ୟୁନାନ) ଓ ବୁଲଗେରିଆ ମଧ୍ୟରେ ସମ୍ପର୍କ ଭଲ ନ ଥିଲା । ଆଉ ଏଭଳି ସ୍ଥିତି ଥିବାବେଳେ ଏକ କୁକୁର ଯୁଦ୍ଧ ସ୍ଥିତି ସୃଷ୍ଟି କରିଦେଲା । ଘଟଣାଟି ଏମିତି– ଗ୍ରୀସ୍‌ର ଏକ କୁକୁର ଭୁଲ୍‌ରେ ମେସିଡୋନିୟା ସୀମା ପାର୍ ହୋଇଗଲା । ଆଉ ତାକୁ ଆଣିବାକୁ ଯାଇ ତା'ର ମାଲିକ, ଯିଏ କି ଗ୍ରୀସ୍ ସେନାବାହିନୀର ଜଣେ ସୈନିକ ଥିଲେ, ସେ ବି ମେସିଡୋନିୟା ସୀମା ପାର୍ ହୋଇଗଲେ । ସେତେବେଳେ ମେସିଡୋନିୟାର ସୀମା ସୁରକ୍ଷା ଦାୟିତ୍ୱ ବୁଲଗେରିଆ ସୈନିକଙ୍କ ଉପରେ ଥିଲା । ଯେତେବେଳେ ସେମାନେ ଦେଖିଲେ ଯେ ଗ୍ରୀସ୍‌ର ଜଣେ ସୈନିକ ସୀମା ପାର୍ ହୋଇଯାଇଛନ୍ତି । ସେମାନେ ଆଗପଛ ଚିନ୍ତା ନ କରି ତାଙ୍କ ଉପରକୁ ଗୁଳି କରିଦେଲେ । ଏହି ଘଟଣା ପରେ ଦୁଇ ଦେଶ ମଧ୍ୟରେ ରାଜନୈତିକ ତିକ୍ତତା ବଢିଗଲା । ଆଉ ନିଜ ସୈନିକକୁ ହରାଇଥିବା ଗ୍ରୀସ୍ ବୁଲଗେରିଆ ଉପରେ ଆକ୍ରମଣ କରିଦେଲା । ଗ୍ରୀସ ଓ ବୁଲଗେରିଆ ମଧ୍ୟସ୍ଥ ଏହି ଯୁଦ୍ଧ ଦୁଇ ଦେଶର ସୀମାବର୍ତ୍ତୀ ଗାଁ ପୈଟ୍ରିକରେ ୧୮–୨୩ ଅକ୍ଟୋବର ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ଅନେକ ସୈନିକ ମୃତ୍ୟୁବରଣ କଲେ । ଆଉ ବୁଲଗେରିଆ ବିଜୟ ଲାଭ କଲା । ତେବେ ପରେ ଦୁଇ ଦେଶ ମଧ୍ୟରେ ଏକ ସନ୍ଧି କରାଗଲା । ନିଷ୍ପତ୍ତି ନିଆଗଲା ଯେ, ବୁଲଗେରିଆର ଯାହା କ୍ଷତି ହୋଇଛି ଗ୍ରୀସ୍ ତା'ର ଭରଣା କରିବ । ଶେଷରେ ଗ୍ରୀସ୍ ଜରିମାନା ଭାବେ ୪୫ହଜାର ପାଉଣ୍ଡ ବୁଲଗେରିଆକୁ ପ୍ରଦାନ କରିଥିଲା, ଯାହାର ଏବେକାର ମୂଲ୍ୟ ୪୩ ଲକ୍ଷ ଟଙ୍କା ହେବ । ଉକ୍ତ ଲଢେଇ 'ପୈଟ୍ରିକ୍‌ର ଘଟଣା' ଭାବେ ମଧ୍ୟ ପରିଚିତ ।

–ଶିବାନୀ ମହାନ୍ତି





# ଚିତ୍ରାଙ୍କନ

– ଶିବ ମିଶ୍ର

ଦେଶର ବିଭିନ୍ନ ଅଞ୍ଚଳର ସ୍କୁଲ ପିଲାମାନଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ମା' ହିଁ ପିଲାର ଅତି ଆପଣାର ସବୁଠାରୁ ପ୍ରିୟ ହୋଇଥିବାରୁ ପ୍ରତିଯୋଗୀ ପିଲାମାନଙ୍କୁ ସେମାନଙ୍କ ମା' ର ଚିତ୍ର ଆଙ୍କିବାକୁ କୁହାଯାଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରତିଯୋଗୀମାନେ ଚିତ୍ର ଆଙ୍କି ଆଣି ବିଚାରକ ମଣ୍ଡଳୀ ନିକଟରେ ଦାଖଲ କଲାପରେ ଦେଖାଗଲା, ଜଣେ ପିଲା ତା' ଜାଗାରେ ମୁହଁ ପୋତି ବସି ଚିତ୍ର ଆଙ୍କିବାରେ ଲାଗିଥିଲା । ମୁଖ୍ୟ ବିଚାରକ ସେ ପିଲା ପାଖକୁ ଯାଇ କହିଲେ– ସମୟ ଗଡ଼ି ଗଲାଣି, ତୁମ ଚିତ୍ରଟି ଦେଇଦିଅ । ସେ ପିଲାଟି ତାଙ୍କୁ ଚାହିଁଲାନି କି କିଛି କହିଲାନି । କିଛି ଦୂରରେ ଥିବା ସେଇ ପିଲାଟିର ଅଭିଭାବକ କହିଲେ– ମା' ର ଚିତ୍ର ଆଙ୍କିବା ଏ ପିଲା ପକ୍ଷରେ ସହଜ ନୁହେଁ । କାରଣ,ଏଇ ପିଲାର ବୟସ ମାତ୍ର କେତୋଟି ମିନିଟ୍ ହୋଇଥିବା ବେଳେ ମୁଁ ୟା'କୁ ଅଳିଆ ଗଦାରୁ ଗୋଟେଇ ଆଣିଥିଲି । ସେହି ଦିନଠାରୁ ଇଏ, ମୋ ଦ୍ୱାରା ପରିଚାଳିତ ଏକ ଅନାଥ ଆଶ୍ରମରେ ରହୁଛି । ମା'ର ମୁହଁ ଦେଖି ନ ଥିବା ପିଲା ଇଏ, ତେଣୁ..... ।

ଏତିକି ବେଳେ ସେ ପିଲା ଆଙ୍କିଥିବା ଚିତ୍ରଟିକୁ ମୁଖ୍ୟ ବିଚାରକଙ୍କୁ ବଢ଼ାଇ ଦେଲା । ମୁଖ୍ୟ ବିଚାରକ ଚିତ୍ରଟିକୁ ପଲକେ ଚାହିଁ ଦେଇ, ପିଲାଟିକୁ କୁଣ୍ଢାଇ ପକାଇଲେ । ତା' ପିଠି–ଥାପୁଡେଇ କହିଲେ– ସୁନ୍ଦର ଅତି ସୁନ୍ଦର ।

ସେହି ପାଖରେ ଥିବା ଲୋକମାନେ ଉତ୍ସୁକତାର ସହ ଚାହିଁବାରୁ, ମୁଖ୍ୟବିଚାରକ ଧରିଥିବା ଚିତ୍ରଟିକୁ ସେମାନଙ୍କୁ ଦେଖାଇଲେ । ସମସ୍ତେ ଦେଖିଲେ, ସେଥିରେ ମା'ର ଚିତ୍ର ନ ଥିଲା, ଅଙ୍କା ହୋଇଥିଲା ମାତୃଭୂମିର ଅତି ସୁନ୍ଦର ମାନଚିତ୍ରଟିଏ ।

– ବାଣପୁର , ଖୋରଧା ମୋ–୭୦୭୭୭୭୭୫୯୧



# ରବିବାର ଦିନ

– ବିଚିତ୍ରାନନ୍ଦ ଜେନା

ଏଇ ରବିବାର ଦିନ
କଥା କୁହନ୍ତି
ଆଖି, ଓଠ, ହୃଦୟ
ଆଉ କାନକୁ ବାରମ୍ବାର ଶୁଭୁଥାଏ
ମା'ର ମଧୁର ସ୍ୱର

ବାପାଙ୍କ ଲମ୍ବା ହାତଟା
ଆଉଁଶୁ ଥାଏ
ମୋ ମୁଣ୍ଡର ଅସଜଡ଼ା କେଶକୁ

ଏଇ ରବିବାର ଦିନ
ମୁଁ ଅନୁଭବ କରେ
ବୁଢୀମା' କେତେ
ତଣ୍ଟି ଫଟେଇ କାଶୁଛି

ବାପା କେତେ ଲୁଣିଆ ପାଣିକୁ
ମଥାରୁ ଟାଣି
ମାଟିରେ ଛିଞ୍ଚିଦେଉଛନ୍ତି

ଏଇ ରବିବାର ଦିନ
ମୁଁ ଦେଖେ
ସୂର୍ଯ୍ୟ ଉଦୟରୁ ଅସ୍ତ ପର୍ଯ୍ୟନ୍ତ
ମୋ ଗାଁର ସବୁଜିମାକୁ
ଦେଖା ହୁଅନ୍ତି ସାଙ୍ଗମାନେ
ଗାଁ ଛକ ନୀତିଆ ନନା
ଦୋକାନ ପାଖରେ...

ଏଇ ରବିବାର ଦିନ
ଖେଳ ପଡିଆରେ
ଦାଣ୍ଡ ଧୂଳି ବୋଲି ହୋଇଯାଏ
ମୋ ଦେହରେ

ଏଇ ରବିବାର ଦିନ
ମୋ କାନରେ ବାଜେ
ବୋଉର ସନ୍ଧ୍ୟା ଶଙ୍ଖ
ବେଙ୍ଗୁଲୀର କେଂକଟର
ଆଉ ନିକିର ପଣିକିଆ ଡାକ... ॥

– ସେଣ୍ଡତୀରା, ବନ୍ତ, ଭଦ୍ରକ
ମୋ–୯୪୩୮୪୬୬୦୧୭

# ଏଇ ତ ଜୀବନ

– ନିବେଦିତା କର

ସାମ୍ନାସାମ୍ନି
ଆଖିରେ ଆଖି ମିଶାଇ
ବେଧଡକ୍ ଠିଆ ହେବା
କ'ଣ ସହଜ ?
ଏକା ଝଟକାରେ
ବିଶ୍ୱାସର ବିନ୍ଧ୍ୟଗିରି
ଭାଙ୍ଗିରୁଜି
ଅବିଶ୍ୱାସର ଉତ୍ତୁଙ୍ଗ ମହଲ
ଠିଆ କରିସାରିବା ପରେ ବି !

ହାତ ତିଆରି
ଅଟାଳିକାର
ଭଗ୍ନ ଶିଳାସ୍ତୂପ ଉପରେ
ବିଦ୍ରୂପ ଅଟ୍ଟହାସ୍ୟ
ସନ୍ଦିହାନ ଭବିଷ୍ୟତ ସାଙ୍ଗକୁ
ସମ୍ପର୍କ ବିହୀନ
ଅତୀତ ଓ ବର୍ତ୍ତମାନ

ଅନୁତାପ ଯନ୍ତ୍ରଣା ବିହୀନ
ସ୍ମିତହାସ୍ୟ
ସ୍ୱପ୍ନ ସୌଦାଗରର
ନିଚ୍ଛକ ଅଭିନୟ
ଏଇ ତ ଜୀବନ........... !

–ମାଧିପୁର, ପିପିଲି, ପୁରୀ
ମୋ–୯୪୩୯୮୭୦୫୧୬

# ୱେବ୍ ସିରିଜ ନିଶାରେ ଅଭିଷେକ

ଅଭିଷେକ ବଚ୍ଚନ ନିକଟରେ ଆଲୋଚନାର ଶିରୋନାମା ପାଲଟିଥିଲେ। କାରଣ କେବଳ ତାଙ୍କର ପିତା ଅମିତାଭ ବଚ୍ଚନ ନୁହନ୍ତି, ପତ୍ନୀ ଐଶ୍ୱର୍ଯ୍ୟା ରାୟବଚ୍ଚନ ଏବଂ ଝିଅ ଆରାଧ୍ୟା ମଧ୍ୟ କରୋନା ଦ୍ୱାରା ଆକ୍ରାନ୍ତ ହୋଇ ସୁସ୍ଥ ହୋଇଛନ୍ତି। ଏବେ ସେ ନିଜକୁ ଶୁଟିଂ ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲେଣି। ହାତରେ ତ କେତୋଟି ବଲିଉଡ୍ ଅଫର ରହିଛି, ତା'ସହ ବର୍ତ୍ତମାନ ସେ ଆଉ ଏକ ଦୁନିଆ ସହ ନିଜକୁ ଜଡିତ ରଖିବାକୁ ଯାଉଛନ୍ତି। ତାହା ହେଲା ୱେବ୍ ସିରିଜ୍। ୱେବ ସିରିଜ୍ 'ବ୍ରେଥ : ଇନଟୁ ଦ ସ୍ୟାଡୋ' ପାଇଁ କାମ କରିବା ପରେ ଏପରି ସିରିଜ୍‌ରେ ଆକ୍ଟିଂ କରିବାକୁ ସେ ଆଗଭର ହୋଇଛନ୍ତି। ଏ ନେଇ ଅଭିଷେକ କହନ୍ତି, 'ବଡ ପରଦାର ମଜା ତ ଅଲଗା। ହେଲେ ଏବେ ୱେବ୍ ସିରିଜ୍‌ର ଡିମାଣ୍ଡ ମଧ୍ୟ କିଛି କମ୍ ନାହିଁ। ଗୋଟିଏ ସିରିଜରେ କାମ କରିବା ପରେ ଏହା ପ୍ରତି ମୁଁ ଆକର୍ଷିତ ହୋଇପଡିଛି। ଏପରିକି କେତୋଟି ୱେବ ସିରିଜ ପ୍ରସ୍ତୁତ କରିବାକୁ କାହାଣୀ ମଧ୍ୟ ଚୟନ କରିସାରିଛି। ତା'ସହ ୨-୩ଟି ୱେବ ସିରିଜ ପାଇଁ କାମ କରିବାକୁ ମୋତେ ଅଫର ମିଳିଛି।' ତେବେ ୱେବ ଦୁନିଆରେ ଅଭିଷେକ କି କମାଲ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



# ଟିପ୍ସ ବାଣ୍ଟୁଛନ୍ତି କରୀନା

କରୀନା ପୁଣି ଥରେ ମା' ହେବାକୁ ଯାଉଛନ୍ତି-ଏକଥା ପ୍ରାୟ ଅନେକେ ଜାଣନ୍ତି। ତେବେ ଏହି ସମୟରେ ସେ ନିଜର ଯତ୍ନ ତ ନେଉଛନ୍ତି ତା'ସହ ଘରେ ରହି ସେ ଆଉ ଏକ କାମରେ ନିଜକୁ ବ୍ୟସ୍ତ ରଖୁଛନ୍ତି। ତାହା କ'ଣ ଜାଣନ୍ତି ? ଟିପ୍ସ ବାଣ୍ଟିବା। ଅର୍ଥାତ୍, କରୀନା ଏବେ ଫିଟ୍‌ନେସକୁ ନେଇ ଟିପ୍ସ ଦେବାରେ ନିଜକୁ ନିୟୋଜିତ ରଖିଛନ୍ତି। ବିଶେଷଭାବରେ ତାଙ୍କର ସାଙ୍ଗମାନଙ୍କର ଅନୁରୋଧକୁ ଏଡାଇ ନ ପାରି ସେ ଏହି କାମରେ ବ୍ୟସ୍ତ ଅଛନ୍ତି। ଏ ସମ୍ପର୍କରେ କରୀନା କହନ୍ତି, 'ଗତ କିଛି ସପ୍ତାହ ପୂର୍ବରୁ ମୁଁ କେତେ ଜଣ ପୁରୁଣା ସାଙ୍ଗଙ୍କ ସହ କଥା ହୋଇଥିଲି। ଏହି ସମୟରେ ସେମାନେ ମୋତେ ଫିଟ୍‌ନେସ ଟିପ୍ସ ପାଇଁ ଅନୁରୋଧ କରିଥିଲେ। ବାସ୍, ସେମାନଙ୍କୁ ଟିପ୍ସ ବାଣ୍ଟିବା ସହ କିଛି ଫିଟ୍‌ନେସ ଭିଡିଓ ଟିପ୍ସ ମଧ୍ୟ ଶେୟାର କରିଛି।' ସୂଚନାଯୋଗ୍ୟ ଏବେ କରୀନା ଆମୀର ଖାଁଙ୍କ ପ୍ରଯୋଜିତ ସିନେମା 'ଲାଲ୍ ସିଂ ଚଡ୍ଡା'ରେ ଅଭିନୟ କରୁଛନ୍ତି। ଆମୀର ଏହାର ନାୟକ ବି ସାଜିଛନ୍ତି। ଚଳଚ୍ଚିତ୍ରଟି ଆଗାମୀ ଖ୍ରୀଷ୍ଟମାସ୍‌ରେ ରିଲିଜ କରିବାକୁ ଲକ୍ଷ୍ୟ ରଖାଯାଇଛି।



# ଆତ୍ମବିଶ୍ୱାସ ବଢାଇଥିଲା ପ୍ରଥମ ଫିଲ୍ମ

ପରିଣିତି ଚୋପ୍ରା ଏବେ ନିଜ ଆକ୍ଟିଂ କ୍ୟାରିୟରକୁ ନେଇ ବେଶ୍ ସିରିୟସ। କେମିତି ବା ହେବେନି କହୁନାହାନ୍ତି ? କାରଣ ଅଭିନୟରେ ସେ ଅଭିଜ୍ଞତା ଅର୍ଜନ କରୁଛନ୍ତି। କୌଣସି ସିନେମା ସାଇନ୍ କରିବା ପୂର୍ବରୁ ସେ ଶହେ ଥର ଚିନ୍ତା କରୁଛନ୍ତି। ପରିଣିତିଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଲେଡିଜ ଭର୍ସେସ ରିକି ବେହଲ୍' (୨୦୧୧)। ଯଶରାଜ ଫିଲ୍ମସ ବ୍ୟାନରରେ ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଥିଲେ ଆଦିତ୍ୟ ଚୋପ୍ରା ଏବଂ ନିର୍ଦ୍ଦେଶନା ଦେଇଥିଲେ ମନୀଷ ଶର୍ମା। ଫିଲ୍ମଟି ବକ୍ସ ଅଫିସରେ ଭଲ ବିଜ୍‌ନେସ୍ କରିଥିଲା। ଖାସ୍‌କରି ପରିଣିତିଙ୍କ ପାଇଁ ଚଳଚ୍ଚିତ୍ରଟି ସତେ ଯେମିତି ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା। ନବାଗତା ନାୟିକା ଭାବରେ ବେଷ୍ଟ ଡେବ୍ୟୁଟାଣ୍ଟ ଆୱାର୍ଡ ସହ ଆହୁରି ଅନେକ ପୁରସ୍କାର ସେ ହାସଲ କରିଥିଲେ। ସେ ସମୟରେ ପରିଣିତିଙ୍କ ଅଭିନୟକୁ ବେଶ୍ ପ୍ରଶଂସା କରାଯାଇଥିଲା। 'ମୋର ପ୍ରଥମ ଫିଲ୍ମଟି ମୋ ମନରେ ଥିବା ଆତ୍ମବିଶ୍ୱାସକୁ ଆହୁରି ଦୃଢ଼ କରିଥିଲା। ସେଥିପାଇଁ ଗତ ୯ବର୍ଷ ହେଲା ମୁଁ ଏହି ଇଣ୍ଡଷ୍ଟ୍ରିରେ ଅଛି' ବୋଲି କହନ୍ତି ପରିଣିତି।



ପରିଣିତି

# ସୋନମ୍‌ଙ୍କ ନାଟକ ନିଶା

ସୋନମ୍ କପୁରଙ୍କ ମନ ଏବେ ଦୁଃଖୀ। କାରଣ ସେ ଏହି କରୋନା ମହାମାରୀ ଭିତରେ ଗୋଟିଏ ଜିନିଷ ମିସ୍ କରିଛନ୍ତି। ତାହା କ'ଣ ଜାଣନ୍ତି ? କରୋନା ପୂର୍ବରୁ ସୋନମ୍ କୌଣସି ଥିଏଟର ନାଟକ ଦେଖିବାକୁ ଭୁଲୁ ନ ଥିଲେ, ହେଲେ ଏବେ ତ ସବୁ ବନ୍ଦ। ତଥାପି ଘରେ ରହି ସେ ପୁରୁଣା ନାଟକଗୁଡ଼ିକୁ ଦେଖୁଛନ୍ତି। ଏ ନେଇ ସେ କହନ୍ତି, ପିଲାଟି ଦିନରୁ ଥିଏଟର ନାଟକ ଦେଖିବା ମୋର ଅଭ୍ୟାସରେ ପଡିଯାଇଥିଲା। ଶୁଟିଂ ନେଇ ବ୍ୟସ୍ତ ଥିଲେ ମଧ୍ୟ ସମୟ ମିଳିଲେ ମୁଁ ସେହି ଚାନ୍ସକୁ ହାତଛଡା କରି ନ ଥାଏ। ଏହା ମୋର ଏକ ହବିରେ ପରିଣତ ହୋଇଯାଇଛି। ଏବେ ତ କରୋନା ପାଇଁ ସବୁ ବନ୍ଦ। ତେଣୁ ଘରେ ରହିବାକୁ ପଡୁଛି। ପ୍ରତିଦିନ ଅନ୍ୟାନ୍ୟ କାମ ସହ ଯେମିତି ହେଲେ ଗୋଟିଏ ଥିଏଟର ନାଟକ ଦେଖିବାକୁ ମୁଁ ଭୁଲି ନ ଥାଏ। କାରଣ ସେଥିରୁ ଆକ୍ଟିଂ ବିଷୟରେ ଅନେକ କଥା ଶିଖିହୋଇଥାଏ।' ବର୍ତ୍ତମାନ ସ୍ୱାମୀ ଆନନ୍ଦ ଆହୁଜାଙ୍କ ସହ ସୋନମ୍ ଲଣ୍ଡନରେ ଅଛନ୍ତି।



ସୋନମ୍




## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲ୍ଲା

# ହାଃ ହାଃ

## ଇଂଲିଶ

ଇଂଲିଶ ଶିଖୁଥିବା ରାଧୁଆ ମନୋଜକୁ– ଆରେ ଭାଇ, ମତେ ଟିକେ 'ଆଇ ଆମ୍ ଗୋଇଂ'ର ମାନେ କ'ଣ କହିଲୁ।
ମନୋଜ– ମୁଁ ଯାଉଛି।
ରାଧୁଆ– ମୁଁ ଯାହାକୁ ପଚାରୁଛି ସିଏ ଖାଲି କହୁଛି 'ମୁଁ ଯାଉଛି'। ହେଲେ ତୁ ନ କହିବା ଯାଏଁ ତତେ ମୁଁ ଜମାରୁ ଯିବାକୁ ଦେବିନି।

## ମେକ୍‌ଅପ୍

ସ୍ତ୍ରୀ ସକାଳେ ଉଠୁ ଉଠୁ ମେକ୍‌ଅପ୍ ନେଉଥିବାର ଦେଖି ସ୍ୱାମୀ– ସକାଳୁ ସକାଳୁ କ'ଣ ମେକ୍‌ଅପ୍ ହେବାକୁ ବସିପଡ଼ିଲଣି।
ସ୍ତ୍ରୀ– ତମେ ଚୁପ୍ ରୁହ। ମୁଁ ମୋ ଫୋନ୍ ଅନ୍ କରିବି। ସେଥିରେ ଫେସ୍ ଲକ୍ ପକେଇଥିଲି। ହେଲେ ଏବେ ସେ ଚିହ୍ନିପାରୁନି। ସେଥିପାଇଁ ମେକ୍‌ଅପ୍ ହେଉଛି।

## ପିଇକି ଆସିଛୁ

ରାଜୁ ସାଙ୍ଗ ପାର୍ଟିରେ ମଦ ପିଇ ଆସିଥାଏ। ଘରେ ଲୁଚି ଲୁଚି ପଶିବା ପରେ ନିଜ ଲାପଟପ୍ ଖୋଲି ପଢ଼ିବା ଆରମ୍ଭ କରିଦେଲା।
ବାପା ଦେଖି କହିଲେ– କ'ଣ ଆଜି ବି ପିଇକି ଆସିଛୁ?
ରାଜୁ– ନାଇଁ ବାପା। ହେଇ ଦେଖୁନ ମୁଁ ଲାପଟପ୍‌ରେ ପଢୁଛି।
ବାପା– ତୁ ପିଇନୁ ଯଦି ଏଇ ସୁଟ୍‌କେସ୍‌କୁ ଖୋଲି ପଢୁଛୁ କେମିତି?



# ବିଚିତ୍ର ପାଠ୍ୟକ୍ରମ

**ପ୍ର**ତି ମୁହୂର୍ତ୍ତରେ ଶିକ୍ଷାର ଆବଶ୍ୟକତା ରହିଛି। ଜୀବନରେ ଶିକ୍ଷାର ମହତ୍ତ୍ୱ କ'ଣ ସେକଥା ଆଉ ବୁଝାଇ କହିବାର ଆବଶ୍ୟକତା ନାହିଁ, ଅନ୍ତତଃ ଆଜିର ତାରିଖରେ। ସାଧାରଣତଃ ଶିକ୍ଷା କହିଲେ ଆମେ ବୁଝୁ ଯେ, ମାଟ୍ରିକ୍, ଇଣ୍ଟରମିଡ଼ିଏଟ୍ ତା'ପରେ ସ୍ନାତକ, ସ୍ନାତକୋତ୍ତର ନ ହେଲେ ଅତି ବେଶିରେ ବୃତ୍ତିଗତ ବା ବ୍ୟବସାୟିକ ଶିକ୍ଷା ନିମନ୍ତେ ଡିପ୍ଲୋମା ଆଦି ପାଠ୍ୟକ୍ରମ। ଏହାକୁ ଦୃଷ୍ଟିରେ ରଖି ଆମର ଜାତୀୟ ପାଠ୍ୟ ଖସଡ଼ା ମଧ୍ୟ ପ୍ରସ୍ତୁତ ହୋଇଛି। ବାସ୍ତବରେ ଏତିକି ଯାଏ କ'ଣ ପାଠ ସୀମିତ? ଆଉ କ'ଣ କିଛି ପାଠ୍ୟକ୍ରମ ନାହିଁ? ଜାଣିଲେ ଆଶ୍ଚର୍ଯ୍ୟ ଲାଗିବ ଯେ, ଏହାକୁ ବାଦ୍‌ଦେଇ ମଧ୍ୟ ଅନେକ ପ୍ରକାରର ପାଠ୍ୟକ୍ରମ ରହିଛି, ଯାହାକୁ ଆମେ ଅଜବ ବା ନିଆରା ବୋଲି କହିପାରିବା। ଆଉ ବିଭିନ୍ନ ଦେଶରେ ମଧ୍ୟ ସେହି ସବୁ ପାଠ୍ୟକ୍ରମର ପ୍ରଚଳନ ମଧ୍ୟ କରାଯାଇଛି।

**ଭୂତ ବିଦ୍ୟା :** ଭୂତ ବିଦ୍ୟା କଥା କହିଲେ ସମସ୍ତେ ବୁଝିଯିବେ। ତେବେ ଯଦି କୁହାଯାଏ ଯେ, ଭୂତ ବିଦ୍ୟାକୁ ନେଇ ପାଠ୍ୟ ଖସଡ଼ା ରହିଛି। ଗଣିତ, ବିଜ୍ଞାନ, ସାହିତ୍ୟ ପରି ଭୂତ ପାଠମଧ୍ୟ ପଢ଼ାଯାଉଛି ତା'ହେଲେ ନିଶ୍ଚିତ ଭାବରେ ଯେ କେହି ବିସ୍ମିତ ହେବ। ମାତ୍ର ଏହା ହିଁ ସତ। ଉତ୍ତରପ୍ରଦେଶର ବାରାଣସୀସ୍ଥିତ କାଶୀଠାରେ ରହିଛି ହିନ୍ଦୀ ବିଶ୍ୱବିଦ୍ୟାଳୟ। ଏହି ବିଶ୍ୱବିଦ୍ୟାଳୟର ଏକ ପାଠ୍ୟକ୍ରମ ହେଉଛି ଭୂତ ବିଜ୍ଞାନ ବା ଯାହାକୁ ଇଂଲିଶରେ କୁହାଯାଉଛି Science of Paranormal. ଏହା ହେଉଛି ଏକ ୬ ମାସିଆ କୋର୍ସ। ଏଥିରେ ରହିଥିବା ପାଠ୍ୟକ୍ରମଗୁଡ଼ିକ ମଧ୍ୟରେ ରହିଛି ମାନସିକ ବିକୃତି, ମାନିଆ, ଅନ୍ଧାର ପ୍ରତି ଭୟ ତଥା ଏସବୁର ଉପଚାର ଏବଂ ମନୋଚିକିତ୍ସା। ଅନ୍ୟ ପାଠ୍ୟକ୍ରମରେ ଯେପରି ବିଧିବଦ୍ଧ ପରୀକ୍ଷା ହୋଇଥାଏ ଏବଂ ସାର୍ଟିଫିକେଟ୍ ମିଳିଥାଏ ଏହି ଭୂତ ପାଠ୍ୟକ୍ରମରେ ମଧ୍ୟ ସେପରି ସାର୍ଟିଫିକେଟ୍ ପରୀକ୍ଷା ହୋଇଥାଏ।














**ପତିପତ୍ନୀ କୋର୍ସ :** ସୁଖୀ ସଂସାରର ମୂଳ ହେଉଛନ୍ତି ପତି ପତ୍ନୀ। ପତିପତ୍ନୀଙ୍କ ମଧ୍ୟରେ ଯଦି ମଧୁର ଦାମ୍ପତ୍ୟ ପ୍ରେମ ରହିଥାଏ ତଥା ସେମାନେ ଭଲ ପତିପତ୍ନୀ ହୋଇଥାନ୍ତି ତା'ହେଲେ ସେମାନଙ୍କଠାରୁ ଉତ୍ତମ ସନ୍ତାନମାନ ଜନ୍ମ ହୋଇ ଏ ପୃଥିବୀକୁ ବୈକୁଣ୍ଠରେ ରୂପାନ୍ତରିତ କରିଥାନ୍ତି। ତେବେ କେବଳ ବାହା ହୋଇଗଲେ କିମ୍ବା ସାଥିରେ ରହି ସନ୍ତାନ ଜନ୍ମ କରିଦେଲେ କେହି ପତି ପତ୍ନୀ ହୋଇପାରନ୍ତି ନାହିଁ। ସେଥିପାଇଁ ଲୋଡ଼ା ତ୍ୟାଗ, ପ୍ରେମ ତଥା ତପସ୍ୟା। କେମିତି ଜଣେ ଭଲ ସ୍ୱାମୀ ହେବ ବା କେମିତି ଜଣେ ଭଲ ସ୍ତ୍ରୀ ହୋଇପାରିବ ସେଥିଲାଗି ମଧ୍ୟ ଏକ ପାଠ୍ୟକ୍ରମ ରହିଛି। ଏଭଳି ପାଠ ପଢ଼ାଯାଉଛି ଇଣ୍ଡୋନେସିଆର କେତେକ ୟୁନିଭର୍ସିଟିରେ। ଏହା ହେଉଛି ଏକ ତିନିମାସିଆ ପ୍ରି'ୱେଡ଼ିଂ କୋର୍ସ। ଅବିବାହିତ ପୁଅଝିଅଙ୍କୁ ଏହି ଶିକ୍ଷାରେ ପ୍ରାଥମିକତା ଦିଆଯାଇଥାଏ। ଏଥିରେ ପରସ୍ପର ପ୍ରତି କଥାବାର୍ତ୍ତା, ବ୍ୟବହାର, ପରସ୍ପରକୁ କେମିତି ବୁଝିବା, ଗୋଟିଏ ପରିବାରକୁ କେମିତି ମ୍ୟାନେଜ୍ କରିବା, ମନୋବିଜ୍ଞାନ, ସମାଜ ବିଜ୍ଞାନ, ପ୍ରେମ, ସହବାସ ତଥା ସନ୍ତାନଜନ୍ମ ଏବଂ ତାହାର ରକ୍ଷଣାବେକ୍ଷଣ ଆଦି ଶିକ୍ଷା ଦିଆଯାଇଥାଏ ଓ ତାହାର ସାର୍ଟିଫିକେଟ୍ ପରୀକ୍ଷା ମଧ୍ୟ ହୋଇଥାଏ।

**ସୁନ୍ଦରୀ ହେବାର ଶିକ୍ଷା:** ଏହା ମୁଖ୍ୟତଃ ମହିଳାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଏକ କୋର୍ସ। ସବୁ ମହିଳା ଚାହାନ୍ତି ସୁନ୍ଦରୀ ଦିଶିବାକୁ। ନିଜ ରୂପରେ ଅନ୍ୟକୁ ଆକର୍ଷିତ କରିବାକୁ। ତେବେ ସୁନ୍ଦରୀ ବନିବା ବି ଗୋଟେ କଳା। ନିଜର ବାହ୍ୟ ରୂପକୁ ଆକର୍ଷିତ କରିବା, ଅନ୍ତରୀଣ ବିଶ୍ୱାସ ବୃଦ୍ଧି କରିବା, ଅଙ୍ଗଭଙ୍ଗୀରେ ସୁଧାର ଆଣିବା, କଥା କହିବା ବେଳର ଆଚରଣରେ ଶୁଦ୍ଧତା ଆଦି ଏହି ପାଠ୍ୟକ୍ରମ ଅନ୍ତର୍ଭୁକ୍ତ। ଆମେରିକାର ଓବର୍ଲିନ୍ କଲେଜରେ ଏହି ପାଠକ୍ରମ ପ୍ରଚଳିତ। ବିଶ୍ୱ ସୁନ୍ଦରୀ ଆଦି ପ୍ରତିଯୋଗିତାରେ ଭାଗନେବାକୁ ଆଗ୍ରହୀ ଥିବା ଯୁବତୀମାନେ ଏଠାରେ ଆଡ୍‌ମିଶନ୍ ନେଇଥାନ୍ତି।

**ପାଣି ଫୋଟକା ପାଠ୍ୟକ୍ରମ :** ଏହା ନିଶ୍ଚିତ ଭାବରେ ଓଠରେ ହସ ନେଇ ଆସିବ। ପାଣି ଫୋଟକାକୁ ନେଇ କ'ଣ ଗୋଟେ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇପାରେ? ବାସ୍ତବରେ ସେମିତି ବି ଏକ ପାଠ୍ୟକ୍ରମ ରହିଛି କାଲିଫର୍ନିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ। ଏହି ପାଠ୍ୟକ୍ରମର ନାମ ରହିଛି Cavitation and Bubble Dynamics. ମଜାର କଥା ହେଉଛି ସବୁ ଛାତ୍ରୀଛାତ୍ର ଏହାକୁ ପଢ଼ିପାରିବେ ନାହିଁ। କେବଳ ସାଇନ୍ସ ବା ବିଜ୍ଞାନରେ ଭଲ ନମ୍ବର ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ଏଥିରେ ଆଡମିଶନ୍ ମିଳିଥାଏ। କାରଣ ଏହା ହେଉଛି ଏକ ଫିଜିକ୍ସ ପାଠ୍ୟକ୍ରମ।

**ହ୍ୟାରି ପୋଟର୍ ଓ ଗେମ୍ ଅଫ୍ ଥ୍ରୋନ୍ସ :** ହ୍ୟାରିପୋଟର୍ ତଥା ଗେମ୍ ଅଫ୍ ଥ୍ରୋନ୍ସ ଫିଲ୍ମ ସବୁ ଅନେକଙ୍କର ପ୍ରିୟ। ଏହି ଦୁଇଟି ହେଉଛି ଫାଣ୍ଟାସୀ ଫିଲ୍ମ। କଲିକତାର ନ୍ୟାଶନାଲ ୟୁନିଭର୍ସିଟି ଅଫ୍ ଜୁରିଡିକାଲ ସାଇନ୍ସେସ୍‌ରେ ଏହାକୁ ନେଇ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଛି। କିଭଳି ଫାଣ୍ଟାସୀ ତିଆରି କରାଯାଏ, ଏହାର ଲେଖକମାନେ କିଭଳି ଏସବୁକୁ ଲେଖିଲେ ସେସବୁ ରହିଛି ଏହି ପାଠ୍ୟକ୍ରମରେ।



ବ୍ୟାକ୍ ପେଜ୍



# ଦ୍ୱୀପ, ଯେଉଁଠି ମହିଳା ଯିବା ମନା

ଜାପାନର ଏକ ଦ୍ୱୀପ ହେଉଛି ଓକିନୋସିମା । ଏହି ଦ୍ୱୀପ ସହ ଜଡିତ ରହିଛି ଅନେକ ରୋଚକ ନିୟମ । ଯାହା ସମ୍ପର୍କରେ ଜାଣିଲେ ଯେ କେହି ବି ଚକିତ ହୋଇଯିବେ । ଏ ହେଉଛି ଏମିତି ଏକ ଦ୍ୱୀପ ଯେଉଁଠି ମହିଳାମାନେ ଯିବା ସମ୍ପୂର୍ଣ୍ଣଭାବେ ମନା । ଆଉ ପୁରୁଷଙ୍କୁ ଯିବାକୁ ହେଲେ କିଛି କଡା ନିୟମ ପାଳନ କରିବାକୁ ହୁଏ । ଏହି ଦ୍ୱୀପକୁ ୟୁନେସ୍କୋ ଦ୍ୱାରା ୱାର୍ଲ୍ଡ ହେରିଟେଜ୍‌ର ମାନ୍ୟତା ମିଳିଛି । ୭୦୦ ବର୍ଗ ମିଟର ପରିମିତ ଉକ୍ତ ଦ୍ୱୀପ ବିଷୟରେ କୁହାଯାଏ ଯେ, ଚତୁର୍ଥରୁ ୯ମ ଶତାବ୍ଦୀ ପର୍ଯ୍ୟନ୍ତ ଏହା କୋରିଆର ପ୍ରାୟ ଦ୍ୱୀପ ଓ ଚାଇନା ମଧ୍ୟରେ ବାଣିଜ୍ୟର କେନ୍ଦ୍ର ଥିଲା । ଏଠାରେ 'ମୁନାକାତା ତାଇଶା ଓକିସୁ' ନାମକ ଏକ ମନ୍ଦିର ବି ଅଛି, ଯେଉଁଠି ସମୁଦ୍ର ଦେବୀଙ୍କୁ ପୂଜା କରାଯାଏ । ୧୭ ଶତାବ୍ଦୀରେ ଏଠାରେ ଜାହାଜଗୁଡିକର ସୁରକ୍ଷା ପାଇଁ ପୂଜା କରାଯାଉଥିଲା । ସେଥିପାଇଁ ଧାର୍ମିକ ରୂପରେ ଉକ୍ତ ଦ୍ୱୀପକୁ ପବିତ୍ର ବୋଲି ଧରାଯାଏ । ଆଉ ଏଠାରେ ଆଜି ବି ଧର୍ମ ସମ୍ବନ୍ଧୀୟ ଅନେକ କଟକଣା ରହିଛି । ସେଥିପାଇଁ ଏଠାରେ ମହିଳାଙ୍କ ପ୍ରବେଶକୁ ବାରଣ କରାଯାଏ । ଆଉ ପୁରୁଷଙ୍କୁ ଯିବାକୁ ହେଲେ ପ୍ରଥମେ ସେମାନଙ୍କୁ ନିର୍ବସ୍ତ୍ର ହୋଇ ସ୍ନାନ କରିବାକୁ ହୁଏ । ଏହି ଦ୍ୱୀପରେ ଏତେ ଶକ୍ତ କଟକଣା ରହିଛି ଯେ, ବର୍ଷକ ମଧ୍ୟରେ କେବଳ ୨୦୦ ପୁରୁଷ ହିଁ ଉକ୍ତ ଦ୍ୱୀପକୁ ଯାଇପାରନ୍ତି । ଆଉ ସେଠାକୁ ଯାଉଥିବା ଲୋକ ସେଠାରୁ କୌଣସି ଜିନିଷ ନିଜ ସହ ଆଣିପାରିବେ ନାହିଁ । ଏମିତି ଘାସ ଟିକେ ବି ଆଣିପାରିବେ ନାହିଁ । ତା'ସହ ଏଠାକୁ ଆସିଥିବା ନେଇ କାହାକୁ କହିବେ ନାହିଁ ।

## କାର୍ଟୁନ କର୍ନର

